# ଜିଲ୍ଲା ପରିଷଦର ୫୨ତମ ସାଧାରଣ ବୈଠକ ।

## ଶିକ୍ଷା,ସ୍ୱାସ୍ଥ୍ୟ ସେବା,ପାନୀୟ ଜଳ ଯୋଗାଣ ଓ କୃଷିଭିତ୍ତିକ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୧୮.୦୫:ଅନୁଗୋଳ ଜିଲ୍ଲା ପରିଷଦର ୫୨ତମ ସାଧାରଣ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସରକାରୀ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ବାଚିତ ଲୋକ ପ୍ରତିନିଧିମାନଂକ ସହିତ ଉତ୍ତମ ସମନ୍ୱୟ ରଖି ନିଜର କର୍ତ୍ତବ୍ୟ ସୁଚାରୁରୁପେ ପାଳନ କରିବାକୁ ଅଧ୍ୟକ୍ଷା ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଢେଂକାନାଳ ସାଂସଦ ଶ୍ରୀ ମହେଶ ସାହୁ ,ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ,ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା,ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକଙ୍କ ପ୍ରତିନିଧି ଶ୍ରୀ କୈଳାଶ ଚନ୍ଦ୍ର ସାହୁ , ଅନୁଗୋଳ ବିଧାୟକ ତଥା ବିଧାନସଭାର ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ବାଉରୀବନ୍ଧୁ ସାହୁ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଗସ୍ତି ବେହେରା ଓ ଜିଲ୍ଲା ପରିଷଦ ଉପାଧକ୍ଷ୍ୟ ଶ୍ରୀମତୀ ରଶ୍ମିତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲିପ କୁମାର ସାହୁ ନବ ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟାମାନଂକୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସରକାରଂକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନ ମୂଳକ ଯୋଜନାକୁ ଦାୟିତ୍ୱର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ପାନୀୟ ଜଳ ଜନିତ କୌଣସି ସମସ୍ୟା ଥିଲେ ୧୯୧୬ ନମ୍ବର ଜରିଆରେ ଜଣାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଥିବା ୨୪୯ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୬୩ଟି ବିଦ୍ୟାଳୟର ନିଜସ୍ୱ ଜମି ପଟ୍ଟା ଥିବାବେଳେ ୧୧୫ ଜଣଂକୁ ନୂତନ ଭାବେ ପଟ୍ଟା ପ୍ରଦାନ କରାଯାଇଛି ଏବଂ ବିଦ୍ୟାଳୟଗୁଡିକର ପଟ୍ଟା ପାଇବା ନିମନ୍ତେ ଆନୁସଙ୍ଗୀକ କାର୍ଯ୍ୟ ଚାଲୁ ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରୋଗୀମାନଂକୁ ସୁବିଧା ପ୍ରଦାନ ନିମନ୍ତେ ଆମ୍ବୁଲାନାସ ସେବା ଯୋଗାଇ ଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଢେଙ୍କାନାଳ ସାଂସଦ ପରାମର୍ଶ ଦେଇଥିଲେ । ଗୋଟିଏ ସ୍ଥାନରେ ୫ବର୍ଷରୁ ଅଧିକ ରହିଥିବା ନିୟମିତ ଶିକ୍ଷକମାନଂକର ବଦଳି କରିବା ନିମନ୍ତେ ନିୟମ ଲାଗୁ କରିବାକୁ ସାଂସଦ ଜିଲ୍ଲା ଶିକ୍ଷା ଅଧିକାରୀଂକୁ

ପରାମର୍ଶ ଦଇଥିଲେ । ପାଳଲହଡାର ନଗିରା ଓ ସିବିଡରେ ରହୁଥିବା ପାଉଡିଭୁୟାଁ ଓ ହୋ ସମ୍ପ୍ରଦାୟର ଛାତ୍ର ଛାତ୍ରୀମାନଂକ ପାଇଁ କମ୍ୟୁନିଟି ଶିକ୍ଷକ ନିଯୁକ୍ତି ଉପରେ ସାଂସଦ ଗୁରୁତ୍ୱାରୋପ କରିଥିଲେ । ମୋ ସ୍କୁଲ ଅଭିଯାନର ବୈଠକ ମାସକୁ ଥରେ ଆୟୋଜନ କରିବା ସହ ମୋ ସ୍କୁଲ ସ୍ମାରକି ଭବନ ପ୍ରତିଷ୍ଠା କରିବାକୁ ସେ ଜିଲ୍ଲା ଶିକ୍ଷା ଅଧିକାରୀଂକୁ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତର ଓ ପାରାମେଡିକାଲ ଷ୍ଟାପ ପଦ ପୁରଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଗୃହରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ନିୟମିତ କାର୍ଯ୍ୟରେ ଯୋଗ ଦେଉନ ଥିବା ଡାକ୍ତରମାନଂକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ପ୍ରବଣ ସ୍ଥାନରେ ଆକ୍ସିଡେଣ୍ଟାଲ ୟୁନିଟ୍ ସ୍ଥାପନ ଉପରେ ଗୁରୁତ୍ୱ ଦେବା ସହ ଆନାସ୍ଥେସିଆ,ସର୍ଜରୀ ଓ ଅର୍ଥୋପେଡିକ୍ର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ସରକାରଂକୁ ପତ୍ର ମାଧ୍ୟମରେ ଅବଗତ କରିବାକୁ ସାଂସଦ ପରାମର୍ଶ ଦେଇଥିଲେ । ଖମାର ଓ କଣିହାଁରେ ପୋଷ୍ଟ ମର୍ଟମ ସେଣ୍ଟର କରିବା, ଜରପଡା ଓ ଝାରବେଡା ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ ଭାବେ ପରିଚାଳନା କରିବା ନିମନ୍ତେ ଯେଉଁ ସ୍ଥାନରେ ପାଇପ୍ ଫାଟି ପାଣି ଲିକେଜ ହେଉଛି ତାହାକୁ ତୁରନ୍ତ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ତୁଳସିପାଳ ଗ୍ରାମକୁ ଜଳ ଯୋଗାଣ ଏକ ଘଣ୍ଟା ପରିବର୍ତ୍ତେ ଅଧିକ ସମୟ ଏହାର ଅବଧିକୁ ଅଧିକ ସମୟ ଯୋଗାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବିଭାଗୀୟ ଯନ୍ତ୍ରୀ, ସରପଂଚ ଓ ସମିତି ସଭ୍ୟମାନେ ବିଭିନ୍ନ ଗ୍ରାମ ପରିଦର୍ଶନ କରି ପାନୀୟ ଜଳ ଯୋଗାଣର ସମସ୍ୟା ସମାଧାନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଅନୁଗୋଳ ଜିଲ୍ଲାରେ ସର୍ବମୋଟ ୩୫୯ଗୋଟି ନଳକୂପ ସୌରଶକ୍ତି ଚାଳିତ ନଳକୂପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକାରୀ ହେଉଛି । ଗ୍ରାମ ଜଳ ଓ ପରିମଳ ବିଭାଗ ଦ୍ୱାରା ବସୁଧା ଯୋଜନାରେ ୫୪ଟି ପ୍ରକଳ୍ପ ମଧ୍ୟରୁ ୫୩ଟିର କାର୍ଯ୍ୟ ସମ୍ପନ୍ନ ସେଥିମଧ୍ୟରୁ ଗୋଟିଏ କାର୍ଯ୍ୟକ୍ଷମ ହେଉଛି । ଓ ଏମ୍ ବି ଏ ଡି ସି କାର୍ଯ୍ୟକ୍ରମ ମାଧ୍ୟମରେ ୯୫ଟି ପ୍ରକଳ୍ପ ହାତକୁ ନିଆଯାଇ ସେଥିମଧ୍ୟରୁ ୯୩ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨ଟି କାର୍ଯ୍ୟକ୍ଷମ ହେଉଛି । ସେହିପରି ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ୬୯୨ଟି ପ୍ରକଳ୍ପ ଅନୁମୋଦନ ହୋଇ ସେଥିରୁ ୬୮୯ଟିର କାର୍ଯ୍ୟ ଶେଷ ହୋଇ ୩ଟି କାର୍ଯ୍ୟ କ୍ଷମ ହେଉଛି । ଚଳିତ ବର୍ଷ ନୂତନ ନଳକୂପ ସ୍ଥାପନର ୬୪୯ଟି ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୧୨୨ଟି ସ୍ଥାପିତ ହୋଇଛି । ଚଳିତ ମାସ ୧୧ ତାରିଖ ସୁଦ୍ଧା ୧୫୮୬୭ଟି ନଳକୂପ

ଚାଲୁଅଛି  ବୋଲି  ଜିଲ୍ଲା ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଶ୍ରୀ ବିଭୁତି ରଞ୍ଜନ ପଣ୍ଡା ସୂଚନା ପ୍ରଦାନ କରିଥିଲେ । କୃଷି ଓ କୃଷକର ଉନ୍ନତିକଳ୍ପେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ସହ ଚାଷୀମାନଙ୍କର ଆବଶ୍ୟକତା ଓ ଭିତ୍ତିଭୂମୀକୁ ନେଇ ଯୋଜନା ପ୍ରସ୍ତୁତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ନିଜ ନିଜ ଅଂଚଳରେ ବିଭିନ୍ନ ସରକାରୀ ଯୋଜନାର  ସଠିକ୍ କାର୍ଯ୍ୟକାରିତା ଉପରେ ବିଧାୟକମାନେ ଗୃହରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ  ମୋଟ ଟ.୧୪୩୪୧.୫୯ ଲକ୍ଷ୍ୟ ଖର୍ଚ୍ଚ କରାଯାଇ ୪୯୩୧୧୯୨ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି ଯାହା ଲକ୍ଷ୍ୟ ଧାର୍ଯ୍ୟ ଶ୍ରମ ଅଟକଳର ୧୦୨ ପ୍ରତିଶତ । ୨୦୨୧-୨୨ ଆର୍ଥିକ ବର୍ଷରେ  କାମ ପାଇଁ ଆବେଦନ କରିଥିବା ସମସ୍ତ ୧୭୬୯୫୫ଟି ପରିବାରକୁ ଏହି ଯୋଜନାରେ କାମ ଯୋଗାଇ ଦିଆଯାଇ ତନ୍ମଧ୍ୟରୁ ୬୧୦୨ ଗୋଟି ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଚଳିତ ମାସ ୧୨ ତାରିଖ ସୁଦ୍ଧା ମୋଟ ଟ.୪୬୪୩.୬୫ ଲକ୍ଷ୍ୟ ଖର୍ଚ୍ଚ ରଖାଯାଇ ୩୩୬୮୪୦ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି ଯାହା ମୋଟ ଆର୍ଥିକ ବର୍ଷ ଶ୍ରମ ଅଟକଳର ୨୦.୩୧ ପ୍ରତିଶତ । ୨୦୨୨୨୩ ଆର୍ଥିକ ବର୍ଷରେ  କାମ ପାଇଁ ଆବେଦନ କରିବାଥିବା ସମସ୍ତ ୨୧୭୪୫ଟି ପରିବାରକୁ ଏହି ଯୋଜନାରେ କାମ ଯୋଗାଇ ଦିଆଯାଇ ତନ୍ମଧ୍ୟରୁ ୦୨ ଗୋଟି ପରିବାକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ବିଜୁ ପକ୍କା ଘର ଯୋଜନାରେ ୨୦୧୬-୧୭ ରୁ ୨୦୨୧-୨୨ ଆର୍ଥିକ ବର୍ଷରୁ ଅସମ୍ପୂର୍ଣ୍ଣ ଗୃହ ସଂଖ୍ୟା ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୬୨୯୧ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ସେଥିମଧ୍ୟରୁ ୩୭ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ଏହା ଶତକଡା ୦.୫୯ ପ୍ରତିଶତ ଅଟେ ।  ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା ଓ ଜିଲ୍ଲା ପରିଷଦ ବିଭିନ୍ନ ଜୋନର ସଦସ୍ୟ ସଦସ୍ୟାମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା . ୩୦୪ ତା. ୧୮.୦୫. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।


ଜିଲ୍ଲା ପରିଷଦ, ଅନୁଗୋଳ ୫୨ ତମ
ସାଧାରଣ ବୈଠକ
ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ
୨୮ ମଇ ୨୦୨୨